# ମହାପ୍ରଭୁ ଶ୍ରୀଜଗନ୍ନାଥ : ବିଶ୍ୱନିୟନ୍ତା ଈଶ୍ୱର



ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଭାରତୀୟ ବିଶେଷତଃ ଓଡିଶାର ଜନସାଧାରଣଙ୍କ ପାଇଁ ସବୁକିଛି । ସେ ହେଉଛନ୍ତି ବିଶ୍ୱବ୍ରହ୍ମାଣ୍ଡର ନିୟନ୍ତା, ଯାହାଙ୍କ ବିଷୟରେ ବେଦସମୂହ ନୀରବ । ମହାପ୍ରଭୁଙ୍କୁ କେନ୍ଦ୍ରକରି ରହିଥିବା ରହସ୍ୟ ବିଷୟରେ ବେଳେବେଳେ ଜନସାଧାରଣ ହତଭମ୍ବ ହୋଇଯାନ୍ତି । ସେ ଗୋଟିଏ ବିରାଟ ଶୂନ । ଆପଣ ଶୂନ ସହ ଶୂନକୁ ଯୋଡନ୍ତୁ, ଉତ୍ତର ହେବ ଶୂନ । ଆପଣ ଶୂନରୁ ଶୂନ ଫେଡନ୍ତୁ, ଉତ୍ତର ହେବ ଶୂନ । ଆପଣ ଶୂନ ସହ ଶୂନକୁ ଗୁଣନ କରନ୍ତୁ, ଉତ୍ତର ମଧ୍ୟ ସେହି ଶୂନ । ଶୂନ ହେଉଛି କିଛି ନଥିବାର ଭାବ । ଏହା ମଧ୍ୟ ପୂର୍ଣ୍ଣତା ଅଟେ । ଏକ ପ୍ରକ୍ରିୟାର ସଂପୂର୍ଣ୍ଣତାକୁ ଏହା ପ୍ରକାଶ କରେ । ମହାପ୍ରଭୁ ହେଉଛନ୍ତି ସର୍ବଶକ୍ତିମାନ, ସର୍ବବ୍ୟାପକ ଓ ସର୍ବଜ୍ଞାତା । ସର୍ବ ନିୟନ୍ତା, ସର୍ବବ୍ୟାପ୍ତ ସେ । ଏ ବିଶ୍ୱ ବ୍ରହ୍ମାଣ୍ଡର ସେ ମହାପ୍ରଭୁ । ପବିତ୍ର ତ୍ରିମୂର୍ତ୍ତୀ ସ୍ୱୟଂ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ମଣିଷ ଜାତିଗୁଡିକର ଦେହ ରଂଗକୁ ବହନ କରି ନିଜେ କଳା, ଧଳା ଓ ହଳଦିଆ ରଂଗର ୩ ଗୋଟି ଜାତିର ପ୍ରତିନିଧିତ୍ୱ କରୁଛନ୍ତି । ଏହା ତିନିଗୋଟି ଗୁଣ ଯଥା– ସତ୍ତ୍ୱ ଗୁଣ, ତମ ଗୁଣ ଓ ରଜ ଗୁଣ । ଜଗନ୍ନାଥ ସଂସ୍କୃତି ଜାତି, ଗୋଷ୍ଠୀ ଏବଂ ଧର୍ମର ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରେ । ଏହା ସମାନତା, ଏକତା ଓ ଭ୍ରାତୃତ୍ୱ ପରି ସଂସ୍କୃତିର ପ୍ରସାର କରେ । ଏଣୁ, ପ୍ରତିବର୍ଷ ଅନୁଷ୍ଠିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଦେଶ ବିଦେଶରେ ଲୋକପ୍ରିୟତା ଲାଭ କରୁଛି ।

ପ୍ରାୟ ସମସ୍ତ ଧର୍ମୀୟ ବିଶ୍ୱାସର ଜନସାଧାରଣ ଏହି ଜଗନ୍ନାଥ ସଂସ୍କୃତିରେ ସେମାନଙ୍କର ନିଜସ୍ୱ ଭାବ ଓ ପରିକଳ୍ପନାର ସନ୍ଧାନ ପାଆନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତ ବିଶ୍ୱାସ ଓ ସଂପ୍ରଦାୟର ଭକ୍ତମାନଙ୍କୁ ତାଙ୍କ ପାଖକୁ ଟାଣି ଆଣିଛନ୍ତି । ସାଧୁସନ୍ଥ ଓ ଧର୍ମପ୍ରଚାରକଗଣ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ନତମସ୍ତକପୂର୍ବକ ପ୍ରଣତି ବାଢିଛନ୍ତି । ନାନକ, ଆଦିଗୁରୁ ଶଙ୍କରାଚାର୍ଯ୍ୟ ଏବଂ ଶ୍ରୀଚୈତନ୍ୟ ଶ୍ରୀଜଗନ୍ନାଥଙ୍କ କରୁଣା ଲାଭ ଆଶାରେ ଶ୍ରୀକ୍ଷେତ୍ର ପୁରୀକୁ ଆଗମନ କରିଛନ୍ତି । ମହାରାଷ୍ଟ୍ରର ପ୍ରଭୁ ଶ୍ରୀଗଜାନନଙ୍କ ଜଣେ ଭକ୍ତ ଗଣପତି ଭଟ୍ଟ ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଗଣପତି ବେଶରେ ଦର୍ଶନ କରିବାକୁ ଇଚ୍ଛା ପ୍ରକଟ କରି ଶ୍ରୀକ୍ଷେତ୍ର ପୁରୀକୁ ଆଗମନ କରିଛନ୍ତି । ମହାପ୍ରଭୁ ଭକ୍ତର ମନୋବାଞ୍ଛା ପୂରଣ କରି ପ୍ରତିବର୍ଷ ଦେବସ୍ନାନ ପୂର୍ଣ୍ଣିମାରେ 'ଗଣପତି ବେଶ'ରେ ଦର୍ଶନ ଦେଉଛନ୍ତି ।

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ଠାକୁର । ଇସ୍‌ଲାମ ଧର୍ମର ଭକ୍ତ ସାଲବେଗ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅତି ପ୍ରିୟ ଥିଲେ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ତାଙ୍କର ଅଗାଧ ଭକ୍ତି ବାଢି ସେ ବହୁ ସଂଖ୍ୟାକ ଭଜନ ଓ

ଜଣାଣ ରଚନା କରିଯାଇଛନ୍ତି । ଦାସିଆ ବାଉରୀ ଅସ୍ପୃଶ୍ୟ ପରିବାରରେ ଜନ୍ମ ଲାଭ କରିଥିଲେ । ଏହି ପତିତ ଜନ ଦ୍ୱାରା ଅର୍ପିତ ଶ୍ରୀଫଳ ଗ୍ରହଣ କରିବାକୁ ମହାପ୍ରଭୁ ନିଜେ ନିଜର 'ବଳିଆର ଭୂଜ' ପ୍ରସାରଣ କରିଥିଲେ । କମାର ହାଡିଦାସ ଜଣେ ବଡ ଈଶ୍ୱରବିଶ୍ୱାସୀ ଥିଲେ । ଏହା ଶୁଣାଯାଏ କି, ହାଡିଦାସଙ୍କ ଭକ୍ତିରେ ଅତ୍ୟନ୍ତ ପ୍ରୀତ ହୋଇ ମହାପ୍ରଭୁ ଛତିଆବଟ (ଯାଜପୁର ଜିଲ୍ଲାର ବଡଚଣା ଥାନା ଅଧୀନ)ରେ କିଛି ଦିନ ରହିବା ପାଇଁ ସେଠାକୁ ଯାଇଥାନ୍ତି ।

ଏପରି ଅନେକ କିମ୍ବଦନ୍ତୀ ଅଛି । ଏହା ବିଶ୍ୱାସ କରାଯାଏ କି, ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କର ପ୍ରାତଃ ସ୍ନାନ ନିମନ୍ତେ ବଦ୍ରିକା (ଜାମ୍ମୁ ଓ କାଶ୍ମୀର) ଗମନ କରନ୍ତି । ତା'ପରେ ସେ ତାଙ୍କର ସକାଳ ବେଶ ନିମନ୍ତେ ଦ୍ୱାରକା (ଗୁଜୁରାଟ) ଯାଇଥାନ୍ତି । ମଧ୍ୟାହ୍ନରେ ପ୍ରସାଦ ସେବନ ନିମନ୍ତେ ପୁରୀ ଆସନ୍ତି ଏବଂ ରାତ୍ରିରେ ଦେବଦାସୀ ନୃତ୍ୟ ଦେଖି ଓ ତାଙ୍କର ଅତ୍ୟନ୍ତ ପ୍ରିୟ 'ଗୀତଗୋବିନ୍ଦ' ଶ୍ରବଣ କରି ରାମେଶ୍ୱରମ୍ (ତାମିଲ୍‌ନାଡୁ)ରେ ନିଦ୍ରା ଯାଆନ୍ତି । ନାନକ ପନ୍ଥୀ, ରାମାନନ୍ଦ ପନ୍ଥୀ, ଶ୍ରୀରାମକୃଷ୍ଣ ମିଶନ୍ ଏବଂ ସମସ୍ତ ବିଶ୍ୱାସର ସାଧୁସନ୍ଥ ଓ ଭକ୍ତଗଣ ଶ୍ରୀକ୍ଷେତ୍ର ପୁରୀରେ ସେମାନଙ୍କର ଆଶ୍ରମ ପ୍ରତିଷ୍ଠା କରିଛନ୍ତି । ଆଦିଗୁରୁ ଶଙ୍କରାଚାର୍ଯ୍ୟ ଦେଶର ବିଭିନ୍ନ ଭାଗରେ ଚତୁର୍ଧାମ ପ୍ରତିଷ୍ଠା କରିଛନ୍ତି । ସେଥିମଧ୍ୟରୁ ଗୋଟିଏ ବଦ୍ରିକା (ଜାମ୍ମୁକାଶ୍ମୀର)ରେ, ଆଉ ଗୋଟିଏ ଦ୍ୱାରକା (ଗୁଜୁରାଟ)ରେ, ତୃତୀୟଟି ଶ୍ରୀଙ୍ଗେରୀ (କେରଳ) ଏବଂ ଅନ୍ୟଟି ଶ୍ରୀକ୍ଷେତ୍ର ପୁରୀରେ ଅବସ୍ଥିତ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ଗଜପତି ରାଜା 'ଛେରା ପହଁରା' ( ସ୍ୱର୍ଣ୍ଣ ଖଡିକାରେ ରଥ ଝାଡୁ କରିବା) ନୀତି ସଂପାଦନ କରିଥାନ୍ତି । ତାଙ୍କ ବ୍ୟତୀତ, ପୁରୀ ଶଙ୍କରାଚାର୍ଯ୍ୟ ତିନି ରଥରେ ଚତୁର୍ଦ୍ଧାମୂର୍ତ୍ତୀଙ୍କୁ ଦର୍ଶନ କରିବାର ବ୍ୟବସ୍ଥା ଅଛି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଷୟରେ ଅଧିକା କଣ କୁହାଯାଇପାରେ ? ସେ ତ ରହସ୍ୟମୟ ଠାକୁର । ସେ କାହିଁକି କଳା ? କେତେକ ଭକ୍ତ ବିଶ୍ୱାସ କରନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଏକ ବିରାଟ ଶୂନ୍ୟ । ସେମାନଙ୍କ ମତରେ, ଯେହେତୁ ଆକାଶର ରଂଗ କଳା ଏବଂ ଯେହେତୁ ଶ୍ରୀଜଗନ୍ନାଥ ହେଉଛନ୍ତି ଏକ ବିରାଟ ଶୂନ୍ୟ, ସେ 'ମହାଶୂନ୍ୟ'ରେ ଅବସ୍ଥାନ କରନ୍ତି । ଏଣୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଙ୍ଗ କଳା ଅଟେ । ଅନ୍ୟ ଏକ ପ୍ରଶ୍ନ ମନରେ ଉଙ୍କିମାରେ କି, କାହିଁକି ମହାପ୍ରଭୁ ଶ୍ରୀଜଗନ୍ନାଥ ଅଚଳ (ମାଦଳ) ଅଟନ୍ତି ? ଏହାର ଉତ୍ତର ହେଉଛି ଯେ ଜୀବ କର୍ମ ସଂପାଦନ କରନ୍ତି କିନ୍ତୁ ପରମ ବ୍ରହ୍ମ ଏଥିରୁ ବିରତ ଥାଆନ୍ତି । ଯେହେତୁ ଶ୍ରୀଜଗନ୍ନାଥ ହେଉଛନ୍ତି ପରମ ବ୍ରହ୍ମ, ତାଙ୍କର ହାତ କିମ୍ବା ଗୋଡ ନାହିଁ । ସେ କୌଣସି କର୍ମରେ ଲିପ୍ତ ନଥାନ୍ତି । ତେଣୁ ସେ ନିଶ୍ଚଳ । ଶ୍ରୀଜଗନ୍ନାଥଙ୍କ ଆଖି ଦୁଇଟି କାହିଁକି ଗୋଲାକାର ? ଯେହେତୁ ସେ ମହାଶୂନ୍ୟବାସୀ ଓ ସମଗ୍ର ବିଶ୍ୱବ୍ରହ୍ମାଣ୍ଡକୁ ତାଙ୍କର ଏହି ଶୂନ୍ୟ ଆକାର ଚକ୍ଷୁରେ ଦେଖିଥାନ୍ତି ତେଣୁ ତାଙ୍କର ଆଖିଗୁଡିକ ଗୋଲାକାର ।

କାଞ୍ଚି ଯୁଦ୍ଧ ସମୟରେ ଓଡିଆଙ୍କ ସମ୍ମାନ ରକ୍ଷା ପାଇଁ ସେ କଣ ନ କରିଛନ୍ତି ? ଦୁଇ ଭାଇ ପ୍ରଭୁ ବଳଭଦ୍ର ଏବଂ ପ୍ରଭୁ ଜଗନ୍ନାଥଙ୍କୁ ସାଧାରଣ ସୈନିକର ଭୂମିକା ତୁଲାଇବାକୁ ପଡିଥିଲା । ସେମାନଙ୍କ କାଞ୍ଚି ଅଭିଯାନ କାଳରେ ନିଜର ସ୍ୱର୍ଣ୍ଣ ମୁଦ୍ରିକା ମାଣିକ ଗଉଡୁଣୀ ନିକଟରେ ବନ୍ଧା ପକାଇ ଏହି ଦୁଇ ଭାଇ ଦଧି ପାନ କରିଥିଲେ । ଶେଷରେ ଗଜପତି ପୁରୁଷୋତ୍ତମ ଦେବ ଯୁଦ୍ଧରେ ବିଜୟ ଲାଭ କରିଥିଲେ ।

**ଏହା କୁହାଯାଇଛି :**

'' ଦୋଳେଷ୍ଟ ଦୋଳଗୋବିନ୍ଦ ଚାପେଷ୍ଟ ମଧୁସୂଦନ, ରଥେ ତୁ ବାମନମ୍ ଦୃଷ୍ଟ୍ୱା ପୁନର୍ଜନ୍ମମ୍ ନ ବିଦ୍ୟତେ'' ।

ଯଦି ଆପଣ ଦୋଳ ଉତ୍ସବ ସମୟରେ କାଷ୍ଠ ନିର୍ମିତ ପଲଙ୍କରେ ପ୍ରଭୁ ଦୋଳଗୋବିନ୍ଦଙ୍କୁ ଦର୍ଶନ କରନ୍ତି, ଚନ୍ଦନ ଯାତ୍ରା ସମୟରେ ନରେନ୍ଦ୍ର ପୁଷ୍କରିଣୀ ମଧ୍ୟରେ ନୌକାରେ ମଧୁସୂଦନ ଏବଂ ରଥରେ ଶ୍ରୀଜଗନ୍ନାଥଙ୍କୁ ବାମନ ବେଶରେ ଦର୍ଶନ କରନ୍ତି ତେବେ ଆଉ ପୁନର୍ଜନ୍ମ ନାହିଁ । ଆପଣ ଜନ୍ମ ଓ ମୃତ୍ୟୁ ଚକ୍ରରୁ ମୁକ୍ତ ହୋଇଯିବେ ।

❖ ❖ ❖